## ମାନବିକତା ଦେଖାଇଲେ ପୋଲିସ ଏସ୍ଆଇ

କୁତ୍ରା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ୧୦ ନମ୍ବର ରାଜ୍ୟ ରାଜପଥ କୁତ୍ରା ବସଷ୍ଟାଣ୍ଡଠାରେ ଜଣେ ମସ୍ତିଷ୍କ ବିକୃତ ମହିଳା ରାସ୍ତା ଉପରେ ପଡି ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ କୁତ୍ରା ଥାନା ପୋଲିସ ଏସ୍ଆଇ ରଞ୍ଜନ କୁମାର ନାଏକ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଛନ୍ତି। ମହିଳା ଜଣକ ହେଲେ କରମାବାହାଲ ଡମପଡ଼ା ଗ୍ରାମର ତରସିଲା ଲାକଡା (୬୫)। ସେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି । ଏସ୍ଆଇଙ୍କ ଏଭଳି ମାନବିକତାକୁ ଲୋକେ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ନିର୍ମାଣରେ ନିୟୋଜିତ ୫ ଶିଶୁଶ୍ରମିକ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୨୫।୮: ଝାରସୁଗୁଡ଼ା ସହର ବେହେରାମାଲ କିଷାନପଡାରେ ଏକ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଶିଶୁଶ୍ରମିକଙ୍କୁ ବୁଧବାର ଜିଲା ଚାଇଲ୍ଡଲାଇନ୍ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ କମିଟି ନିର୍ଦ୍ଦେଶକ୍ରମେ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଚାଇଲ୍ଡଲାଇନ୍ ତରଫରୁ ଅଭିଯୋଗ ପରେ ଝାରସୁଗୁଡା ଟାଉନ ଥାନାରେ ଏକ ଷ୍ଟେଶନ୍ ଡାଇରି ହୋଇଛି । ଶିଶୁମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିବା ପଶ୍ଚିମବଙ୍ଗ ମୁର୍ସିଦାବାଦର ମିଣ୍ଟୁ ସେକ୍ ନାମକ ଠିକାଦରଙ୍କ ବିରୋଧରେ ଶ୍ରମବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ ସୂଚନା ଦେଇଛନ୍ତି। କୋଠା ନିର୍ମାଣରେ ଶିଶୁମାନେ ନିୟୋଜିତ ହୋଇଥିବା ନେଇ ଖବର ପାଇବା ପରେ ଜିଲା ଚାଇଲ୍ଡ ଲାଇନ ସଂଯୋଜକ ଆଶିଷ କୁମାର ପଣ୍ଡା, ଡୋଲାମଣି ସେଠ୍, ଜ୍ୟୋସ୍ନା ପ୍ରଧାନ, କୁଳଦୀପ ପଟେଲ ପ୍ରମୁଖ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ ।

### ପୂଜକଙ୍କ ଠାରୁ ଲୁଟିନେଲେ ୧୦ହଜାର

ବଡ଼ଗାଁ,୨୫।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଲୁଟ, ଚୋରି ଘଟଣା କିଛି ମାସ ହେଲା ବଢ଼ିଚାଲିଛି। ବୁଧବାର ମଧ୍ୟାହ୍ନରେ ବାଉଁଶେନ ଗ୍ରାମର ଜଙ୍ଗାବଡ଼ଦେଓ ମନ୍ଦିରର ପୂଜକ କ୍ଷେତ୍ରବର ନାଏକ ବଡ଼ଗାଁ ଏସ୍‌ବିଆଇରୁ ୧୦ହଜାର ଟଙ୍କା ଉଠାଇ ବ୍ୟାଗରେ ରଖିଥିଲେ। ବ୍ୟାଙ୍କର ଏଟିଏମ୍ ପାର୍ଶ୍ୱରେ ପରିଶ୍ରା କଲାବେଳେ ଟଙ୍କା ଥିବା ବ୍ୟାଗକୁ ଛଡ଼ାଇ ୨ଜଣ ଦୁର୍ବୃତ୍ତ ଦୌଡ଼ି ପଳାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମାସ ମଧ୍ୟ ଜଣେ ମହିଳା ବ୍ୟାଙ୍କରୁ ୧୦ହଜାର ଟଙ୍କା ଉଠାଣ କରି ଘରକୁ ଫେରୁଥିବା ବେଳେ ଲୁଟ୍ ହୋଇଥିଲା। ବାରମ୍ବାର ଲୁଟ୍ ଓ ଚୋରି ଘଟଣା ପୋଲିସର ନିଷ୍କ୍ରିୟତା ଯୋଗୁ ଘଟୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

### ସିଂଘହତା ଜଳାଶୟର ପୁନରୁଦ୍ଧାର ଦାବି

ସମ୍ବଲପୁର,୨୫।୮(ବ୍ୟୁରୋ): ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ସିଂଘହତା ଜଳାଶୟର ପୁନଃଉଦ୍ଧାର ପାଇଁ ଦାବି ହୋଇଛି। ସରକାରଙ୍କ ମହାବନ୍ଧ ଯୋଜନାରେ ଏହାକୁ ସାମିଲ କରାଯାଇ ବିକାଶ କରାଯାଉ ବୋଲି ବୁଧବାର କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ତ୍ରିବଣପୁର ପଞ୍ଚାୟତ ଖଣ୍ଡପା ଗ୍ରାମର ଉପମୁଣ୍ଡ ପାହାଡରେ ଚିର ସୋତ୍ରା ଝରଣା ରହିଛି। ଏହି ପାଣି ବୋହିଆସି ସିଂଘହତା ଜଳାଶୟରେ ମିଶୁଛି। ଏହି ପାଣିକୁ ଗଚ୍ଛିତ ରଖାଯାଇପାରିଲେ ତଳ ମୁଣ୍ଡରେ ପ୍ରାୟ ୧ ହଜାର ଏକର ଜମି ଚାଷ ହୋଇପାରିବ। ଧାନ ସହିତ ପନିପରିବା ଚାଷ କରି ଶତାଧିକ ଚାଷୀ ଲାଭବାନ ହୋଇପାରିବେ। ଏହା ସହ କଦଳୀଗଡ ପଞ୍ଚାୟତରେ ଥିବା ୧୨ ଗୋଟି ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି। ଚାଷୀମାନେ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶତାଧିକ ହେକ୍ଟର ଚାଷ ନଷ୍ଟ ହେବାକୁ ବସିଛି। ମରାମତି କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ। ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ସମେତ ଗ୍ରାମର ସଂଶାର ସାହୁ, ବୀରେନ୍ଦ୍ର ସାହୁ, ପ୍ରଦୀପ ସୁପକାର, ମୁକେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁରିଆ ସାର ବସ୍ତାକୁ ୬ ଶହ

ସମ୍ବଲପୁର,୨୫।୮(ବ୍ୟୁରୋ)




■ଚିନ୍ତାରେ ଚାଷୀ, ଦଲାଲ ମାଲାମାଲ
■ଡିଲର ପଏଣ୍ଟରେ ଚଢ଼ାଉ, ଯାଞ୍ଚ ଦାବି

ୟୁରିଆ ସାର ବସ୍ତାପ୍ରତି ସରକାରୀ ମୂଲ୍ୟ ୨୬୭ ଟଙ୍କା ରହିଛି। ହେଲେ ବଜାରରେ ଏହା ୫ରୁ ୬ ଶହ ଟଙ୍କାରେ ବିକ୍ରି ହେଉଛି। ୟୁରିଆ ଅଭାବ ଥିବା କାରଣରୁ ସମ୍ବଲପୁର ଜିଲାରେ ସାର କଳବଜାରି ବୃଦ୍ଧି ପାଇଛି। ଏଥିଯୋଗୁ ଚାଷୀ ଚିନ୍ତାରେ ଥିବାବେଳେ ଦଲାଲ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ସମବାୟ ସମିତିରେ ସାର ମିଳୁ ନ ଥିବାବେଳେ ଖୋଲା ବଜାରରେ ଯାହାକୁ ଯେତେ ମିଳୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷି ଓ କୃଷକ ବିକାଶ ପାଇଁ କାମ କରୁଥିବା କହୁଛନ୍ତି। ସଭାସମିତି, ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରୁଛନ୍ତି। ହେଲେ ଚାଷ ପାଇଁ ଅତ୍ୟାବଶ୍ୟକ ସାର ଯୋଗାଇବାରେ ବିଫଳ ହେଉଛନ୍ତି। ଏବେ ୟୁରିଆ ସାର ଅଭାବ ଦେଖାଦେଇଛି। ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ଚାଷୀଙ୍କୁ ସାର ମିଳୁନାହିଁ। ହେଲେ ଖୋଲା ବଜାରରେ ଛୋଟ ବେପାରୀମାନେ ଚଢା ଦରରେ ବିକ୍ରି କରୁଛନ୍ତି। ଜିଲାରେ ଖରିଫ ଚାଷ ସମୟରେ ପ୍ରାୟ ୧୫ ହଜାର ମେଟ୍ରିକ ଟନ୍ ସାର ଆବଶ୍ୟକ ପଡିଥାଏ। ହେଲେ ଏହାଠାରୁ ଯଥେଷ୍ଟ କମ୍ ସାର ଆସିଥିବା ଜଣାପଡିଛି। ସାର ବିକ୍ରି ପାଇଁ ଜିଲାରେ ସମବାୟ ସମିତି, ଲ୍ୟାମ୍ପ୍ସ ଓ ଡିଲରଙ୍କୁ ମିଶାଇ ମୋଟ ୮୩ ଲାଇସେନ୍ସ ଦିଆଯାଇଛି। ଡିଲରମାନେ ସିଧାସଳଖ କମ୍ପାନୀଠାରୁ ସାର କିଣିପାରିବେ। କିନ୍ତୁ ସମବାୟ ସମିତିକୁ ମାର୍ଫେଡ ଜରିଆରେ ସାର ଯୋଗାଯାଉଛି। କମ୍ପାନୀ ଡିଲରମାନଙ୍କୁ ଅଧିକ ସାର ଯୋଗାଇ ଦେଉଛନ୍ତି। ଫଳରେ ସେମାନେ ଗ୍ରାମାଞ୍ଚଳରେ ଛୋଟ ବ୍ୟବସାୟୀଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି। ୟୁରିଆ ସାର ୫୦ କେଜିଆ ବସ୍ତା ପିଛା ସରକାରୀ ଦର ୨୬୭ ଟଙ୍କା ରହିଛି। ଏଥିରେ ପ୍ୟାକ୍ସ କିମ୍ବା ଡିଲର କେବଳ ଭଡା ନେଇ ୨୭୦ କିମ୍ବା ୨୭୫ ଟଙ୍କାରେ ବିକ୍ରି କରିବା କଥା। ହେଲେ ଏବେ ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି କରାଯାଉଛି। ଅନ୍ୟପଟେ ବିଲରେ ଦ୍ୱିତୀୟ ଥର ସାର ପ୍ରୟୋଗ କରିବା ସମୟ ଆସିଛି। ବିଳମ୍ବ ହେଲେ ଫସଲ ଅମଳ କମିଯିବ। ଜରୁରୀ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବାହାରୁ ଚଢାଦରରେ ସାର କିଣୁଛି। ସାର କଳାବଜାର ଉପରେ ନିୟନ୍ତ୍ରଣ ଓ କାର୍ଯ୍ୟାନୁଷ୍ଠାନ ପାଇଁ କୃଷି ବିଭାଗ ପଦକ୍ଷେପ ନେଇପାରିବ। ତେଣୁ ଡିଲର ପଏଣ୍ଟରେ ଚଢାଉ ଓ ଯାଞ୍ଚ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପଟେ ଚାଷୀ ପଞ୍ଜୀକରଣ ନେଇ ସରକାରଙ୍କ ଆଭିମୁଖ୍ୟକୁ ସେ ନିନ୍ଦା କରିଛନ୍ତି। ଏ ନେଇ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, ସମବାୟ ସମିତିରେ ସାର ଅଭାବ ନେଇ କୌଣସି ଅଭିଯୋଗ ଆସିନାହିଁ। ସରକାରଙ୍କ ନିୟମ ଅନୁସାରେ ବଣ୍ଟନ କରାଯାଉଛି। ଯଦି ଅଧିକ ସାର ଆବଶ୍ୟକ ପଡେ ତା'ହେଲେ ଯୋଗାଇବା ବ୍ୟବସ୍ଥା କରାଯିବ।

## ମଦମୁକ୍ତି ନେଇ ଦେବାଡିହିରେ ପ୍ରଭାତଫେରି




ମଦମୁକ୍ତିକୁ ନେଇ ଦେବାଡିହି ଗ୍ରାମରେ ପ୍ରଭାତଫେରି ।

ଝାରସୁଗୁଡ଼ା ଅଫିସ,୨୫।୮

ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ଦେବାଡିହି ଗ୍ରାମରେ ମଦମୁକ୍ତି ଯୁବବାହିନୀ ତରଫରୁ ବୁଧବାର ମଦମୁକ୍ତି ନେଇ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପ୍ରାୟୋଜିତ ମଦଦୋକାନ ଯୋଗୁ ସାଧାରଣ ପରିବାର ପ୍ରଭାବିତ ହେଉଛନ୍ତି। ଏଭଳି ସ୍ଥିତିକୁ ରାଜନୈତିକ ଦଳ ଅଣଦେଖା କରିଚାଲିଛନ୍ତି। ଏହାକୁ ନେଇ ସଙ୍ଗଠନର ସଦସ୍ୟମାନେ ପ୍ଲାକାର୍ଡ, ବ୍ୟାନର ଓ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ସଙ୍ଗଠନର ସୁନ୍ଦରଗଡ ଜିଲା ସଂଯୋଜକ ଜିତେନ୍ଦ୍ରୀୟ ଧୁରୁଆ କହିଛନ୍ତି, ରାଜ୍ୟରେ ସରକାର ମଦକୁ ଏକ ବ୍ୟବସାୟରେ ପରିଣତକରି ବ୍ୟାପକ ଭାବେ ପ୍ରଚଳିତ କରିଚାଲିଛନ୍ତି। ଯୁବସମାଜ ଏହାକୁ କେବେ ବରଦାସ୍ତ କରିବେନାହିଁ। ଏହାକୁ ବିରୋଧ କରିବା ପାଇଁ ସେ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରତ୍ନାକର ପ୍ରଧାନ, ମଧୁସୂଦନ ଭଇଁସା, ପ୍ରଭାକର ଓରାମ, ସଞ୍ଜୟ କିଷାନ, ବରୁଣ କିଷାନ, ତ୍ରିଲୋଚନ ଦଣ୍ଡସେନା, ରୋଶନଲାଗିଆ ପ୍ରମୁଖ ଯୋଗଦେଇଥିଲେ ।

## ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୨୫।୮



ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ଅଧିକାରୀ।

ଝାରସୁଗୁଡ଼ା ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନର ୮ମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ଡିଆର୍‌ଡିଏ ପିଡି ତପିରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ଡିଏମ୍ଏଫ୍ ତରଫରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। କୋଭିଡ୍ ପାଇଁ ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହା ସହିତ ଜିଲାରେ କେଉଁ ନୂଆ ପ୍ରକଳ୍ପ ଆବଶ୍ୟକ ରହିଛି ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଛି। ଜିଲାର ୬୪ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ମିଶନଶକ୍ତି ପାଇଁ ଅତିରିକ୍ତ ଗୃହ, ଜିଲାରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଆଦି କିପରି ହିତାଧିକାରୀମାନେ ପାଇପାରିବେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ସହ ବିଭିନ୍ନ ପ୍ରକଳ୍ପର ଗୁଣାତ୍ମକ ମାନ ପ୍ରତି ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିଏମ୍ଏଫ୍ ଟିମ୍ ଲିଡର୍ ନଳିନ ଦାସ ଧନ୍ୟବାଦ ଦେଇଥିଲେ।

## ଅଟୋ ଭଙ୍ଗାରୁଜା, ଚାନ୍ଦା ମାଗିବା ଅଭିଯୋଗ: ଜଣେ ଗିରଫ

ଲହୁଣୀପଡା,୨୫।୮(ଡି.ଏନ୍.ଏ.)

କେ.ବଲାଙ୍ଗ ଥାନା ଅଞ୍ଚଳରେ ଅଟୋକୁ ଅଟକାଇ ଜୋରଜବରଦସ୍ତ ଚାନ୍ଦା ମାଗିବା, ଚାନ୍ଦା ନ ଦେବାକୁ ମନା କରିବାରୁ ଅଟୋର କାଚ ଭାଙ୍ଗିଦେବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ବଡ଼ରମା ଗ୍ରାମର ଲିବିୟାନା ନାଗ ରାକ୍ଷୀ ପୂର୍ଣ୍ଣିମା ରାତିରେ ନିଜର ଅଟୋ ନେଇ ଘରକୁ ଯାଉଥିବାବେଳେ କରେଇଚୁଆଁ ଗ୍ରାମର ସହଦେବ ମୁଣ୍ଡାରୀ ଅଟୋକୁ ଅଟକାଇ ଚାନ୍ଦା ମାଗିଥିଲେ। ଲିବିୟାନା ଚାନ୍ଦା ଦେବାକୁ ମନା କରିବାରୁ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଅଟୋର ସାମ୍ନା କାଚକୁ ଭାଙ୍ଗିଦେଇ ଜୋରଜବରଦସ୍ତ ତାର ପକେଟରେ ଥିବା ୧୨୦୦ଟଙ୍କାକୁ ଛଡେଇ ନେଇ ଯାଇଥିଲେ ବୋଲି ଲିବିୟାନା କେ ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସହଦେବ ମୁଣ୍ଡାରୀଙ୍କୁ ଗିରଫ କରିଛି।

## ପୁତୁରା ଭୁଜାଲି ଆକ୍ରମଣରେ କକା ମୃତ

ଲହୁଣୀପଡା,୨୫।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଳିପୋଷ ପଞ୍ଚାୟତ ବିଜାଘାଟ ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ଆଠଟା ବେଳେ ସାମାନ୍ୟ ସାଇକେଲ ଚାଳନାକୁ କେନ୍ଦ୍ର କରି କାକା ରବିନ୍ଦ୍ର ନାଏକ (୪୫)ଙ୍କୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି ପୁତୁରା। ଛଡ଼ାଇବା ପାଇଁ ଆସି ନାବାଳିକା ଭଉଣୀ ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ବିଜାଘାଟ ଗ୍ରାମର ରବୀନ୍ଦ୍ରଙ୍କର ଏକ ସାଇକେଲ ଥିଲା। ପୁତୁରା ସୁଶାନ୍ତ ନାଏକ(୨୪)ଙ୍କ ସାଇକେଲ ନ ଥିବାରୁ ମାଗିନେଇ ଚଳାଉ ଥିଲେ। ସାଇକେଲ ଅବସ୍ଥା ଖରାପ କରିବାରୁ କାକା ରବିନ୍ଦ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସୁଶାନ୍ତ ସାଇକେଲ ଆଣି ରବୀନ୍ଦ୍ର ଆଗରେ କଚାଡି ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗାଳି ଦେବାକୁ ଯେତେ ବାରଣ କରିଥିଲେ ମଧ ଉତ୍ତ୍ୟକ୍ତ ସୁଶାନ୍ତ କାହାରି କଥା ନ ମାନି ଏକ ଭୁଜାଲି ଆଣି ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ନିଜ ବାପ ଉପରେ ଆକ୍ରମଣ ହେଉଥିବା ସହି ନ ପାରି ରବୀନ୍ଦ୍ରଙ୍କ ସାତ ବର୍ଷର ଝିଅ ସନ୍ଧ୍ୟା ସାମ୍ନାକୁ ଆସିବା ପରେ ସୁଶାନ୍ତ ତାଙ୍କୁ ମଧ୍ୟ ଭୁଜାଲିରେ ହାଣି ଦେଇଥିଲା। ଝିଅ ଉପରେ ଆକ୍ରମଣକୁ ସହି ନପାରି ରବୀନ୍ଦ୍ର ହାତରେ ଧରିଥିବା ଠେଙ୍ଗାରେ ଏକ ଶକ୍ତ ପ୍ରହାର ସୁଶାନ୍ତ ମୁଣ୍ଡରେ ପକାଇଥିଲା। ରକ୍ତ ମୁଖା ପାଲଟି ଥିବା ସୁଶାନ୍ତ କାକା ରବୀନ୍ଦ୍ରଙ୍କୁ ଭୁଜାଲିରେ ବାରମ୍ବାର ଆକ୍ରମଣ କରିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଗ୍ରାମବାସୀ ଲହୁଣୀପଡା ପୋଲିସକୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ସୁଶାନ୍ତଙ୍କୁ ଗିରଫ କରିଥିଲା। ବୁଧବାର ଘଟଣାସ୍ଥଳରେ ଲହୁଣୀପଡା ପୋଲିସ ଓ ରାଉରକେଲାର ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ ଜାରି ରଖିଛି।

## ଦନ୍ତାରିବାହାଲ ରାମଚଣ୍ଡୀ ଫୁଟ୍‌ବଲ ଦଳ ଚାମ୍ପିୟନ



ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼,୨୫।୮(ଡି.ଏନ.ଏ.)

ବାରକୋଟ ବ୍ଲକ ରମ୍ଭେଇ ଗ୍ରାମ ପଞ୍ଚାୟତର ସିରୋଡିହୀ (ସାନ) ଗ୍ରାମର ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ମଙ୍ଗଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମାକରମୁଣ୍ଡା ଫୁଟବଲ ଦଳକୁ ୨−୧ ଗୋଲରେ ପରାସ୍ତ କରି ଦନ୍ତାରିବାହାଲର ରାମଚଣ୍ଡୀ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଓ ଲାଇନ୍ସମ୍ୟାନ ଭାବେ ଯଥାକ୍ରମେ ଦିନେଶ କୁମାର ସୋଏ, ବଳରାମ ଲାକ୍ରା ଓ ବସନ୍ତ ପାତ୍ର ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ଘନଶ୍ୟାମ ମହାନନ୍ଦ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ମା' ମଙ୍ଗଳା କ୍ଲବର ସଦସ୍ୟ ପ୍ରାଣବନ୍ଧୁ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଯୋଗଦେଇ ଚାମ୍ପିୟନ ଦନ୍ତାରୀବାହାଲର ରାମଚଣ୍ଡି ଫୁଟବଲ ଦଳ ଓ ରନର୍ସ ଅପ୍ ମାକରମୁଣ୍ଡା ଫୁଟବଲ ଦଳକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ମା' ମଙ୍ଗଳା କ୍ଲବର ପ୍ରକାଶ କିଡୋ, ଶୁକଦେବ ବାଙ୍କିରା, ସଙ୍ଗଲ ବାଙ୍କିରା, ସୁନୀଲ ସାମାଡ ଓ ରଞ୍ଜିତ ଲୁଗୁନଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣାରେ ଜଣେ ଗିରଫ

ବଡ଼ଗାଁ,୨୫।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜଣାଶୁଣା ବ୍ୟବସାୟୀ ଶିବ ଶଙ୍କର ଅଗ୍ରୱାଲଙ୍କ ଘରୁ ୧୭ ତାରିଖ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ରା ନିକଟ କର୍କଟା ଗ୍ରାମର କୁନୁ କେର୍କେଟା(୩୦)। ସୂଚନାନୁଯାଇ ୧୦ଜଣ ମୁଖାପିନ୍ଧା ବ୍ୟକ୍ତି ୧୭ତାରିଖ ରାତି ୯ଟାରେ ଶିବଶଙ୍କରଙ୍କ ଘରେ ପ୍ରବେଶ କରି ବନ୍ଧୁକ ମୁନରେ ୨ଟି ସ୍କୁଟି, ୪ ମୋବାଇଲ ଓ ୧୫ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଘଟଣା ଘଟାଇ ଅପରାଧିମାନେ ସାହାଜବାହାଲ ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ୨ଟି ସ୍କୁଟି ମଧ୍ୟରୁ ଗୋଟିଏ ସ୍କୁଟି(ଓଡି−୧୬−ଜି−୬୫୫୦)କୁ ଦୁର୍ବୃତ୍ତ ମାନେ ବିଶ୍ରା ଥାନା ଝିରପାନୀ ନିକଟ ଝାଡ଼ଖଣ୍ଡ ସୀମାନ୍ତରେ ରଖି ଚାଲିଯାଇଥିଲେ। ପୋଲିସ ତଦନ୍ତରେ ଏହି ସ୍କୁଟି କୁନୁ କେର୍କେଟା ନେଇଥିବା ଜାଣିପାରିଥିଲେ।

## ଚୁକ୍ତିନାମାରେ ବିଳମ୍ବ, ଶ୍ରମ କମିଶନରଙ୍କୁ ଦାବିପତ୍ର



ଶ୍ରମ କମିଶନରଙ୍କୁ ଦାବିପତ୍ର ଦେଉଛନ୍ତି କର୍ମଚାରୀ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୨୫।୮(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି ଶ୍ରମିକ ସଙ୍ଗଠନ ସହ ଚୁକ୍ତିନାମାରେ କମ୍ପାନୀ ବିଳମ୍ବ କରୁଛି। ଏହାକୁ ନେଇ ବୁଧବାର ଶ୍ରମ କମିଶନର ଏନ୍ ଥିରୁମାଲା ନାଏକଙ୍କୁ ଭେଟି କମ୍ପାନୀ କର୍ମଚାରୀ ସଂଘ ଅଭିଯୋଗ କରିଛି। ଶ୍ରମିକଙ୍କ ଦରମା, ସାମାଜିକ ନିରାପତ୍ତା, ପଦୋନ୍ନତି ସ୍ଥିର କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ୧୮ମାସ ବିତିଯାଇଥିଲେ ମଧ୍ୟ ନୂତନ ଚୁକ୍ତି କରୁନାହାନ୍ତି। ପୂର୍ବରୁ ଜିଲା ଶ୍ରମ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ଶ୍ରମିକମାନେ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସେପ୍ଟେମ୍ବର ୧୫ ସୁଦ୍ଧା ଚୁକ୍ତିନାମା କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି କର୍ମଚାରୀ ସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତି, ହିନ୍ଦ୍ ମଜଦୁର ମହାସଂଘର ଯୋଗେନ୍ଦ୍ର ତ୍ରିପାଠୀ, ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଦୀନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ପି, ବିଧାୟକଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ

ସମ୍ବଲପୁର,୨୫।୮(ବ୍ୟୁରୋ)

**ଯୁଯୁମୁରା ପଞ୍ଚାୟତ ସମିତି ବୈଠକ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାଏକଙ୍କ ଅଧ୍ୟକ୍ଷତାରେ ବିଡିଓ ସୁରଜ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ନୀରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟା ରୀନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ନିଅଣ୍ଟିଆ ବର୍ଷା ଯୋଗୁ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବୁଣା ଓ ରୁଆ ଧାନ ନଷ୍ଟ ହୋଇଯାଇଛି। ଆଗକୁ ବର୍ଷା ହେବାର ସମ୍ଭାବନା ମଧ ନାହିଁ। ତେଣୁ ବ୍ଲକକୁ ମରୁଡି ଘୋଷଣା କରାଯାଉ ବୋଲି ଦାବି ଉଠିଥିଲା। ୨୦୨୦ର ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀଙ୍କୁ ମିଳି ନ ଥିବା ନେଇ କୃଷି ବିଭାଗ ଅଧିକାରୀଙ୍କୁ ଜନପ୍ରତିନିଧି ପ୍ରଶ୍ନ କରିଥିଲେ। ସେହିପରି ବିଭିନ୍ନ ବିଭାଗ ଯଥା ସମବାୟ, ଯୋଗାଣ, ପୂର୍ତ୍ତ, ପାନୀୟ ଜଳ, ବିଦ୍ୟୁତ୍, ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ସମସ୍ୟା ଜଣାଇ ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ସାଧାରଣ ନିର୍ବାଚନ ହେବାର ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ ସମିତି ବୈଠକରେ ସମ୍ବଲପୁର ଏମ୍‌ପି ଯୋଗଦେଉ ନାହାନ୍ତି। ସେହିପରି ରେଢାଖୋଲ ବିଧାୟକ ମଧ ଅନୁପସ୍ଥିତ ରହୁଛନ୍ତି। ତାଙ୍କର ପ୍ରତିନିଧିଙ୍କୁ ବୈଠକରେ ଯୋଗଦେବା ପାଇଁ ପଠାଇ ଦେଉଛନ୍ତି। ଲୋକମାନଙ୍କ ସମସ୍ୟା ବିଷୟରେ ନେତାମାନଙ୍କୁ ଜଣାଇବା ବଦଳରେ ପ୍ରତିନିଧିମାନେ ଶୁଣୁଛନ୍ତି। ହେଲେ ସେମାନଙ୍କ ହାତରେ ସମାଧାନ କରିବାର କ୍ଷମତା ନାହିଁ। ପ୍ରଶ୍ନ କଲେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ବିଧାୟକ ଓ ଏମ୍‌ପି ଯୋଗ ନ ଦେବା ଦୁର୍ଭାଗ୍ୟଜନକ ବୋଲି କୁକୁଡାପାଲି ସମିତି ସଭ୍ୟା ସସ୍ମିତା ଦେହୁରି, ଛାମୁଣ୍ଡା ସମିତି ସଭ୍ୟା ପ୍ରଭାସିନୀ ବାରିକ, ସନ୍ଧ୍ୟାସିନୀ ବାରିକ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଥିଲେ।




ଯୁଯୁମୁରା ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକ।

## ଓସିଏଲ୍ ଇଣ୍ଡିଆର ଖଣି ସମ୍ପ୍ରସାରଣ ପାଇଁ ଜନଶୁଣାଣି

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨୫।୮(ଡି.ଏନ୍.ଏ.)



ଜନଶୁଣାଣିକୁ ଯାଉଥିବା ଅଧିକାରୀମାନଙ୍କୁ ଗ୍ରାମବାସୀ ଅଟକାଇ ପ୍ଲାକାର୍ଡ଼ ଦେଖାଉଛନ୍ତି।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଓସିଏଲ ଇଣ୍ଡିଆର ଲାଞ୍ଜିବେର୍ଣ୍ଣା ଖଣିର ସମ୍ପ୍ରସାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ରାଇବେର୍ଣ୍ଣା, କେଶରାମାଲ ଓ ଝଗଡପୁରଠାରେ ଜମି ଅଧିଗ୍ରହଣ ସନ୍ଦର୍ଭରେ କେଶରାମାଲ ଓ ଝଗଡପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଜନଶୁଣାଣି ହୋଇଥିଲା। ଗତମାସ ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଓସିଏଲ୍‌ର ଲାଞ୍ଜିବେର୍ଣ୍ଣା ଚୂନପଥର ଖଣି ସମ୍ପ୍ରସାରଣ ପାଇଁ ରାଇବେର୍ଣ୍ଣାରେ ୫୭. ୮୦ ଏକର, କେଶରାମାଲର ୨୯୩.୨୫ ଏକର ଓ ଝଗଡପୁରର ୮.୪୮ ଏକର ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣି ଆୟୋଜନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଏହି ଜମି ଅଧିଗ୍ରହଣ ପ୍ରଭାବ ଜାଣିବା ପାଇଁ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ଉକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ଅବଗତି ନିମନ୍ତେ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟ ଉପରେ ପ୍ରଭାବିତ ହେଉଥିବା ପରିବାରବର୍ଗଙ୍କ ମତାମତ ଜାଣିବା ପାଇଁ ଏହି ଜନଶୁଣାଣି ବୈଠକ ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରା, ରାଜଗାଙ୍ଗପୁର ତହସିଲଦାର ଶରତ ବାଗ, ବିଡିଓ ପୀୟୁଷ ଲୋହାର, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ମାଝି, ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ଅନ୍ୟ ପ୍ରଶାସନିକ ଅଧିକାରୀ ତଥା ଓସିଏଲର ଅଧିକାରୀମାନେ ଏହି ଜନଶୁଣାଣି ପାଇଁ ସେଠାରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ଗ୍ରାମବାସୀ ରାସ୍ତାରେ ଡାଳବାଡପକାଇ ପ୍ଲାକାର୍ଡ ପ୍ରଦର୍ଶନ କରି ଅଟକାଇଥିଲେ। ସଦର ଉପଜିଲାପାଳ ବେହେରା ଗ୍ରାମବାସୀଙ୍କୁ ଏହି ଶୁଣାଣିର ମହତ୍ୱ ଉପରେ ବୁଝାଇଥିଲେ। କିନ୍ତୁ କିଛି ଲୋକ ଏହାକୁ ଘୋର ବିରୋଧ କରିଥିବା ବେଳେ ଆଉ କିଛି ଲୋକ ସମର୍ଥନ କରିଥିଲେ। ଆଉକିଛି ଲୋକ ପ୍ରଭାବ ଆକଳନ ଅଧ୍ୟୟନରେ ତ୍ରୁଟି ଥିବା ଦର୍ଶାଇଥିଲେ। ଉପଜିଲାପାଳ ଲିଖିତ ଭାବେ ନିଜର ମତାମତ ଜଣାଇବା ପାଇଁ କହିବା ସହ ଅଧିଗ୍ରହଣ ହେବାକୁ ଥିବା ଜମି ରେକର୍ଡରେ ତ୍ରୁଟିଗୁଡିକ ସଂଶୋଧନ କରାଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୬ ଅଗଷ୍ଟ, ୨୦୨୧

**କରୋନା ସଚେତନତା କାର୍ଯ୍ୟକ୍ରମ**

ଖପ୍ରାଖୋଲ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆରସିଡିସି ତରଫରୁ ଛାତ୍ରୀଛାତ୍ରଙ୍କୁ କରୋନା ସଚେତନତା କରିବା ସହ ମାସ୍କ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍କାନିଙ୍ଗ ପାଇଁ ଥର୍ମୋମିଟର, ଅକ୍ସିମିଟର ପ୍ରଦାନ କରାଯାଇଥିଲା । ଆରସିଡିସି ଡିସି ଶମ୍ଭୁ ସାହୁ, କୁଳମଣି ସାହୁ, ଶିକ୍ଷକ ଅଜୟ ଭୋଇ, ଲିଙ୍ଗରାଜ ମେହେର, ପ୍ରାଣବନ୍ଧୁ ସାହୁ, ରାଜକୁମାର ବେହେରା ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ମୁମୂର୍ଷୁ ଅବସ୍ଥାରେ ଥିବା ବୃଦ୍ଧଙ୍କୁ ଡାକ୍ତରଖାନା ପଠାଇଲେ ବିଡିଓ

**ଖପ୍ରାଖୋଲ,୨୫।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ମୁମୂର୍ଷୁ ଅବସ୍ଥାରେ ପଡିରହିଥିବା ଜଣେ ବୃଦ୍ଧଙ୍କୁ ବିଡିଓ ରଶ୍ମିରଞ୍ଜନ ରାଉତ ବୁଧବାର ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ପଠାଇଛନ୍ତି। ବୃଦ୍ଧ ଜଣକ କିଛି ଦିନ ହେଲା ଧଣ୍ଡାମୁଣ୍ଡା ଗାଁରେ ଭିକ ମାଗି ଜଣଙ୍କ ପିଣ୍ଡାରେ ଶୋଇଥିଲେ। ଗତ ୪ଦିନ ହେଲା ଜ୍ୱରରେ ଆକ୍ରାନ୍ତ ହୋଇ ମୁମୂର୍ଷୁ ଅବସ୍ଥାରେ ପଡି ରହିଥିଲେ। ଖବର ପାଇ ବିଡିଓ ରାଉତ ଧଣ୍ଡାମୁଣ୍ଡାରେ ସମ୍ପୃକ୍ତ ବୃଦ୍ଧାଙ୍କ ପାଖରେ ପହଞ୍ଚିଥିଲେ । ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଛି । ବୃଦ୍ଧ ଜଣକ ବରଗଡ ଜିଲା ପଦ୍ମପୁର ବ୍ଲକ ବୁଡାମାଲ ପଞ୍ଚାୟତ ଅନ୍ତର୍ଗତ ବିରିପାଲି ଗାଁର ନିରଞ୍ଜନ ବେହେରା(୮୦)। ଏହି ଅବସରରେ ଜିପିଇଓ ସୁଶାନ୍ତ ପାଣି, ୱାର୍ଡସଭ୍ୟ ଶେଷ ପଟେଲ, କ୍ଷମାନିଧି ଭୋଇ, ପବିତ୍ର ପଟେଲ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଖପ୍ରାଖୋଲ ସିଏଚ୍‌ସିକୁ ମିଳିଲା ୨ଅକ୍ସିଜେନ କନସେନଟ୍ରେଟର

**ଖପ୍ରାଖୋଲ,୨୫।୮(ଡି.ଏନ.ଏ.):** କରୋନା ମହାମରୀ ସମୟରେ ଅକ୍ସିଜେନ କନଟ୍ରେନରର ଆବଶ୍ୟକତା ହୋଇଥାଏ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଲ୍ଲିଆଲୋକ ପାଠାଗାର ତରଫରୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ୨ଟି ଅକ୍ସିଜେନ କନସେନଟ୍ରେଟନର ବୁଧବାର ପ୍ରଦାନ କରାଯାଇଛି। ପାଠାଗାର ତରଫରୁ ଶମ୍ଭୁ ସାହୁ, କୁଳମଣି ସାହୁ, ମେଡିକାଲ ଅଫିସର ଡା. ସୁରଜ ଦୀପଙ୍କୁ ଏହା ପ୍ରଦାନ କରିଥିଲେ। ଏହି ଅବସରରେ ବିପିଏମ୍ ଯୁଗଳ କିଶୋର ସାହୁ, ଫାର୍ମାସିଷ୍ଟ ମନୋରଞ୍ଜନ ସାହୁ, ଏ.ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।

### ସଂଗଠନକୁ ସଶକ୍ତ କରିବାକୁ ଗୁରୁତ୍ୱ

**ବୁର୍ଡାରେ ବିଜେଡିର ସମ୍ବର୍ଦ୍ଧନା ଉତ୍ସବ**

**ଲୋଇସିଂହା,୨୫।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡିର ଏକ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ବ୍ଲକ ଯୁବ ସଭାପତି ପ୍ରକାଶ ମହାରଣା ଅଧ୍ୟକ୍ଷତା କରିଥିଲେ । ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ଆଇଟି ସଂଯୋଜକ ବିଭୂତି ଭୂଷଣ ମିଶ୍ର, ସହଦେବ ସା, ଗୋବିନ୍ଦଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ଲକ ଓ ପଞ୍ଚାୟତସ୍ତରରେ ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ସଭା ପରେ ଦଳକୁ ସଶକ୍ତ କରିବା ପାଇଁ ଆଲୋଚନା ହୋଇଥିଲା।

### ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କଲେ ଭାଜପା ପ୍ରତିନିଧି ଦଳ

**କୋକସରା,୨୫।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ ଓ ନୂଆଗାଁରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଆସନ୍ନ ମରୁଡି ପରିସ୍ଥିତି ଦେଖାଦେଇଛି। ଚାଷୀଙ୍କ ଅଭିଯୋଗ ପରେ ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ଦଳ କନ୍ଦାଗଡ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କନ୍ଦାଗଡଠାରେ କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ ଦ୍ୱାରା କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ମୋଡୋସିଲ ଓ ଟିକରାପଡା ଆଡିବନ୍ଧ ଚାଷୀଙ୍କ କୌଣସି କାମରେ ଆସୁ ନାହିଁ ଏହି ଚେକଡ୍ୟାମ ଭରସାରେ ଥିବା ଚାଷୀ ଜମିରେ ପାଣି ଅଭାବରୁ ପ୍ରତିବର୍ଷ ମରୁଡି ସହି ଆସୁଛନ୍ତି। ଆଗକୁ ଯଦି ଜରିଓଡାଠାରେ ମେଗା ଚେକଡ୍ୟାମ ନିର୍ମାଣ କରାଗଲେ ଚାଷୀ ଉପକୃତ ହେବେ ବୋଲି ଦାବି ହୋଇଛି। ଆମମୀ ଦିନରେ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ ଚାଷୀ ସମସ୍ୟା ନେଇ ଉପଜିଲାପାଳ, ଜିଲାପାଳ ଓ ସରକାରଙ୍କ ପାଖରେ ଦାବି କରାଯିବ ଏବଂ ଭାଜପା କୃଷକ ମୋର୍ଚ୍ଚା ଓ ଅଞ୍ଚଳ ଚାଷୀ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ଜିଲା ଭାଜପା ସମ୍ପାଦକ ତଥା ଆମପାଣି ମଣ୍ଡଳ ପ୍ରଭାରୀ ଗୋଦାବରୀଶ ପାତ୍ର ସୂଚନା ଦେଇଛନ୍ତି। ପ୍ରତିନିଧି ଦଳରେ ଆମପାଣି ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଗଣେଷ ନନ୍ଦ, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ସନ୍ତୋଷ ମାଝି, ଜିଲା କାର୍ଯ୍ୟକାରୀଣି ସଦସ୍ୟ ପ୍ରମୋଦ ପଣ୍ଡାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସାମିଲ ଥିଲେ।

# ୧୮ ହଜାର ବୃଦ୍ଧ କରିଛନ୍ତି କାମ

**ବଲାଙ୍ଗୀର ଅଫିସ, ୨୫।୮**

- ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଦୁର୍ନୀତି ଅଭିଯୋଗ
- ଦୀର୍ଘସ୍ଥାୟୀ ସମ୍ପତ୍ତି ନିର୍ମାଣରେ ଅବହେଳା
- ୫୮,୮୩୩ ପ୍ରକଳ୍ପ କାମ ସରିନାହିଁ
- କେନ୍ଦ୍ରୀୟ ଟିମ୍ ତଦନ୍ତ କରିବାକୁ ପ୍ରସ୍ତାବ

ବଲାଙ୍ଗୀର ଜିଲାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି (ଏମ୍‌ଜିଏନ୍‌ଆଇଜିଏ) ଯୋଜନାରେ ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ଦୀର୍ଘସ୍ଥାୟୀ ସମ୍ପତ୍ତି ନିର୍ମାଣରେ ବ୍ୟାପକ ଅନିୟମିତତା, ମାନବ ସମ୍ବଳର ସୁବିନିଯୋଗ ବଦଳରେ ମେଶିନ୍ ସହାୟତାରେ କାମ କରାଯାଉଛି। ଶ୍ରମିକଙ୍କୁ ଠିକ୍ ଭାବେ ମଜୁରୀ ମିଳୁନାହିଁ। ଏମ୍‌ଜିଏନ୍‌ଆରଇଜିଏସ କେନ୍ଦ୍ରୀୟ ୱେବ୍ ପୋର୍ଟାଲ ତଥ୍ୟ ଅନୁଧ୍ୟାନ କଲେ ଜିଲାରେ ଏକ ବଡଧରଣର ଦୁର୍ନୀତି ସ୍ପଷ୍ଟ ବାରି ହେଉଛି ବୋଲି କୁହାଯାଇଛି।

୨୦୨୧-୨୨ ଆର୍ଥିକ ବର୍ଷର ୨୧ ଅଗଷ୍ଟ ସୁଦ୍ଧା ରିପୋର୍ଟ ଅନୁଯାୟୀ ଏହି ଯୋଜନାରେ କାମ କରିବାକୁ ୬୧ରୁ ୮୦ ବର୍ଷ ବୟସର ୧ ଲକ୍ଷ ୫୫ ହଜାର ୨୨୮ ଲୋକ ପଞ୍ଜୀକୃତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୧୭ ହଜାର ୩୮୦ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ସେହିପରି ୮୦ରୁ ଉର୍ଦ୍ଧ୍ୱ ବୟସର ୨୪ହଜାର ୮୫୭ଲୋକ କାମ କରିବାକୁ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏହି ବୟସର ୭୪୦ଜଣ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ସାଧାରଣତଃ ମାଟି କାମ କରିଥାନ୍ତି । ୬୦ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଏତେ ସଂଖ୍ୟକ ଲୋକ କାମ କରିବା ସହଜରେ ବିଶ୍ୱାସଯୋଗ୍ୟ ହେଉନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଏଭଳି ଏକ ତଥ୍ୟଦେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅବଗତ କରି ଏନେଇ ଏକ କେନ୍ଦ୍ରୀୟ ଦଳ ଜରିଆରେ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ୨୧ ଅଗଷ୍ଟ ସୁଦ୍ଧା ଜିଲାରେ ୧୨୮.୧୪ କୋଟି ଖର୍ଚ୍ଚ ହୋଇଥିଲେ ମଧ୍ୟ ୫୮ ହଜାର ୮୩୩ଟି ପ୍ରକଳ୍ପ କାର୍ଯ୍ୟ ବର୍ଷ ବର୍ଷ ଧରି ଶେଷ ହେଉନାହିଁ। ପ୍ରାୟ ୧୧.୦୯ କୋଟି ବ୍ୟୟରେ ୯ ହଜାର ୮୫୦ଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ଯୋଜନାରେ ଦୀର୍ଘସ୍ଥାୟୀ ସମ୍ପତ୍ତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଏଠାରେ ତାହା ନିର୍ମାଣ କରାଯାଉନାହିଁ। ମେଶିନ୍ ଜରିଆରେ ଅଧିକ କାମ କରାଯାଉଛି ଏବଂ ଅଧିକ ବୟସ୍କ ଲୋକ କାମ କରିବା ଦୁର୍ନୀତି ଦିଗକୁ ସୂଚିତ କରୁଛି ବୋଲି ଉଲ୍ଲେଖ କରିଛନ୍ତି। ଦୁର୍ନୀତି ସମ୍ପର୍କିତ ଅଭିଯୋଗକୁ ତଦନ୍ତ କରିବା ପାଇଁ ଗୋଟିଏ ସଦସ୍ୟ ବିଶିଷ୍ଟ ଆମ୍ବୁସ୍‌ମେନ୍ ଗଠନ କରାଯାଇଛି। ତେବେ ଏହାକୁ ତିନି ସଦସ୍ୟ ବିଶିଷ୍ଟ କରାଯାଉ ବୋଲି ସେ ଦାବି କରିଛନ୍ତି। ଏଦିଗରେ ଅଧିକ ତଦନ୍ତ କରାଗଲେ ଜିଲାରେ ଏମଜିଏନ୍‌ଆରଇଜିଏ ତଦନ୍ତ ଧରାପଡିଯିବ ବୋଲି ସେ ଅନୁରୋଧ କରିଛନ୍ତି।

# ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ



ବିଧାୟକ ନରସିଂହ ମିଶ୍ର ଭେଣ୍ଡିଂଜୋନ୍ ଉଦ୍‌ଘାଟନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୫।୮**

**ସହରରେ ନିର୍ମାଣ ହେବ ୩ଶୌଚାଳୟ, ୫ ପରିସ୍ରାଗାର**

ବଲାଙ୍ଗୀର ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ତିଆରି ହୋଇଥିବା ନୂଆ ଭେଣ୍ଡିଂ ଜୋନ୍‌କୁ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରଛନ୍ତି। ଜିଲାପାଳ ଚଞ୍ଚଲ ରାଣା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଉପସ୍ଥିତି ଥିଲେ। ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୬୦ ଲକ୍ଷ ଟଙ୍କାରେ ଏହି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ଏଠାରେ ଫଳ ଓ ମାଛ ମାର୍କେଟ ରହିବ। ବଲାଙ୍ଗୀର ସହରର ସରକାରୀ ବସଷ୍ଟାଣ୍ଡ ନିକଟ ରାସ୍ତାକଡରେ ଶତାଧିକ ଉଠାଦୋକାନୀ ବସି ବ୍ୟବସାୟ କରୁଥିଲେ। କିଛିବର୍ଷ ହେଲା ବଲାଙ୍ଗୀରର ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତାଘାଟ ପ୍ରଶସ୍ତିକରଣରେ ଏହି ଉଠାଦୋକାନୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କୁ ଏଠାରେ ଥଇଥାନ କରାଯାଇଛି। ଏହା ନିର୍ମାଣ ହେଲା ପରେ ରାସ୍ତାକଡରେ ଉଠାଦୋକାନ ଆଉ ରହିବ ନାହିଁ ବୋଲି କୁହାଯାଇଛି। ଏଠାରେ ୧୧୧ଟି ଦୋକାନ ଘର ତିଆରି କରାଯାଇଛି। ଉଠାଦୋକାନୀମାନେ ସରକାରୀ ନୀତିନିୟମ ମାନି ବ୍ୟବସାୟ କରିବା ସହ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ବିଧାୟକ ମିଶ୍ର ଓ ଜିଲାପାଳ ରାଣା କହିଥିଲେ। ଆଗାମୀ ଦିନରେ ସହରରେ ତିନୋଟି ସର୍ବସାଧାରଣ ଶୌଚାଳୟ ଏବଂ ୫ ଗୋଟି ପରିଶ୍ରାଗାର ନିର୍ମାଣ ଯୋଜନା ଚାଲିଥିବା ବିଧାୟକ ମିଶ୍ର ସୂଚନା ଦେଇଥିଲେ।

# ମୂଲ ଲାଗୁଛନ୍ତି ଦଣ୍ଡ କଳାକାର

**ବଲାଙ୍ଗୀର ଅଫିସ, ୨୫।୮**



ଲୋୟର ସୁକ୍‌ତେଲ ବିସ୍ଥାପନ କଲୋନୀରେ କାମ କରିବା ଅବସରରେ ସାନନ୍ଦ ଶିକା।

- କରୋନା ବଦଳାଇ ଦେଲା ଜୀବନଚର୍ଯ୍ୟା
- ସାନନ୍ଦ ସିକା ପାଇଥିଲେ ଦଣ୍ଡ ଗୌରବ ସମ୍ମାନ

କରୋନା କାଳରେ କଳାକାରମାନେ ଅସହାୟ ଜୀବନ ବିତାଉଛନ୍ତି। କଳା ପ୍ରଦର୍ଶନ କରି ନ ପାରି ଜୀବିକା ହରାଇଛନ୍ତି। ଅନେକ କଳାକାର ଦିନମଜୁରିଆ ହୋଇଯାଇଛନ୍ତି। ବଲାଙ୍ଗୀର ସଦର ବ୍ଲକ୍ ପ୍ରତାପରୁଦ୍ରପୁର ଗ୍ରାମର ଦଣ୍ଡ କଳାକାର ତଥା ଦଣ୍ଡ ଗୌରବ ସାନନ୍ଦ ଶିକା (୪୧) ଏବେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ବଲାଙ୍ଗୀର ସହର ଉପକଣ୍ଠରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ବିସ୍ଥାପନ କଲୋନୀରେ ସେ ଏବେ ମୂଲ ଲାଗୁଛନ୍ତି। ତାଙ୍କ ସଂଘର୍ଷ କାହାଣୀ ଜିଲାର ହଜାର ହଜାର କଳାକାରଙ୍କ ଦୁଃଖ ଓ ଯାତନାକୁ ବଖାଣୁଛି। ଜଣେ ଉତ୍କୃଷ୍ଟ ଓ ସମର୍ପିତ ଦଣ୍ଡନୃତ୍ୟ କଳାକାର ଭାବେ ସାନନ୍ଦ ସୁନାମ ଅର୍ଜନ କରିଛନ୍ତି। ଦଣ୍ଡନୃତ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ତାଙ୍କୁ ଦଣ୍ଡ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି।

ସପ୍ତମ ଶ୍ରେଣୀ ପଢୁଥିବାବେଳେ ସାନନ୍ଦ ଦଣ୍ଡନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ଅଷ୍ଟମ ଶ୍ରେଣୀ ପଢ଼ିଲାବେଳେ ପାରିବାରିକ ଦୁଃସ୍ଥିତି ଯୋଗୁଁ ପାଠପଢ଼ାକୁ ଅଧାରେ ଛାଡି ସେ ଗାଁର ଦଣ୍ଡନୃତ୍ୟ ଦଳରେ ସାମିଲ ହୋଇଥିଲେ। ଦଣ୍ଡନୃତ୍ୟରେ ସେ ରାଧା, ବାଣୀ ଓ ଚନ୍ଦ୍ରସେଣା ଭୂମିକାରେ ଅଭିନୟ କରନ୍ତି। ସାନନ୍ଦଙ୍କ ନୃତ୍ୟ କୌଶଳ ଓ ସୁମଧୁର କଣ୍ଠସ୍ୱର ଦର୍ଶକଙ୍କୁ ବିମୋହିତ କରିଦିଏ। କରୋନା ପୂର୍ବରୁ ତାଙ୍କ ଦଣ୍ଡନୃତ୍ୟ ଦଳ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ବୌଦ୍ଧ, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ସୁନ୍ଦରଗଡ ସମେତ ଆଖପାଖ ଜିଲାର ବିଭିନ୍ନ ଗାଁରେ ଦଣ୍ଡନୃତ୍ୟ ପରିବେଷଣ କରିଛନ୍ତି। କରୋନା ଆଗରୁ ପ୍ରତିବର୍ଷ ପ୍ରାୟ ୧୬୦ରୁ ୧୭୦ଟି ସ୍ଥାନରେ ଦଣ୍ଡ ପରିବେଷଣ କରୁଥିଲେ। କରୋନା ସବୁକିଛି ବିଗାଡି ଦେଇଛି। ପରିବାର ଚଳାଇବା କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଘରେ ସ୍ତ୍ରୀ କସ୍ତୁରୀ, ଦୁଇପୁଅ ଅଜୁ ଓ ବିଜୁ, ଝିଅ ଡୋଲିଙ୍କୁ ନେଇ ତାଙ୍କ ପରିବାର। ଦୀର୍ଘ ଦେଢ଼ବର୍ଷରୁ ଉର୍ଦ୍ଧ୍ୱକାଳ ଉପାର୍ଜନ ଶୂନ୍ୟ ହୋଇ ଅସୁବିଧାରେ ଚଳିବା ପରେ ସେ ବାଧହୋଇ ଦିନ ମଜୁରିଆ ସାଜିଛନ୍ତି। ଲର୍କିପାଲି ଲୋୟର ସୁକ୍‌ତେଲ ବିସ୍ଥାପନ କଲୋନୀରେ ଲୋକଙ୍କ ଘର ନିର୍ମାଣ କାମରେ ସେ ମୂଲ ଲାଗୁଛନ୍ତି। ସେଥିରୁ ଯେତିକି ଉପାର୍ଜନ କରୁଛନ୍ତି ସେଥିରେ ପରିବାର ଚଳାଉଛନ୍ତି। ତାଙ୍କ ଭଳି କଳାକାର ମାନଙ୍କ ପାଇଁ ସରକାର ଓ ଜିଲା ପ୍ରଶାସନ ସହାୟତା ଯୋଗାଇବା ଏବଂ କଳା ପ୍ରଦର୍ଶନ ପାଇଁ ବିକଳ୍ପ ବ୍ୟବସ୍ଥା କଲେ ସେମାନେ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।

## ୩୬ତମ ଜାତୀୟ ଚକ୍ଷୁଦାନ ପକ୍ଷର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୨୫।୮**

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମଙ୍ଗଳବାରଠାରୁ ୩୬ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଶୁଭାରମ୍ଭ ହୋଇଯାଇଛି। ଏହା ୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁରହିବ। ଏହି ଅବସରରେ ଏକ ସଚେତନତା ରଥକୁ ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭୀମ ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବଲାଙ୍ଗୀର ମ୍ୟୁନିସିପାଲିଟିରେ ଚକ୍ଷୁଦାନ ଉପରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଚକ୍ଷୁ ବିଶେଷଜ୍ଞ ଡା ଉଷା ଦାଶ, ଡା ବିଷ୍ଣୁପ୍ରସାଦ ମିଶ୍ର, ଜିଲା ସ୍ୱାସ୍ଥ୍ୟ ମିଶନ୍‌ର ପ୍ରୋଗ୍ରାମ୍ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲା ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଦାବି

**ନୂଆପଡ଼ା ଅଫିସ,୨୫।୮**

ନୂଆପାଡା ଜିଲା ସଦର ବ୍ଲକ ଡୁମେରପାଣି ପଞ୍ଚାୟତ ସିଲଧା ଗାଁର ଇନ୍ଦ୍ରା ନଗରରେ ରହୁଥିବା ଶତାଧିକ ପରିବାର ପାଖରେ ଘର ପକ୍କା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଇନ୍ଦ୍ରା ନଗରବାସୀ ପକ୍ଷରୁ ବୁଧବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଲୋକେ ନିଜର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିବା ଓ ହକ୍ ଦାବି କଲେ ମଧ୍ୟ ତାହା ପୂର୍ଣ୍ଣ ନ ହେବାରୁ ସିଲଧା ଗାଁ ଇନ୍ଦ୍ରନଗର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଆମେ ସେହିଠାରେ ପୂର୍ବପୁରୁଷରୁ ରହି ଆସୁଛୁ। ଆମ ପାଖରେ ଘରଡିହ ପଟ୍ଟା ନ ଥିବାରୁ ଇନ୍ଦ୍ରାଆବାସ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇପାରୁ ନାହୁଁ। ଗାଁରେ କେତେ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ବେଳେ ଗୋଟିଏ ବିଲ ହୋଇ ସ୍ଥଗିତ ରହି ଯାଇଛି । ଇନ୍ଦ୍ରା ନଗରରେ ଘର ଡିହ ପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ନିର୍ମଳ ମାଝି, ମନୋଜ ମାଝି ପ୍ରମୁଖ ଦାବି କରିଛନ୍ତି ।

# ରାଜମିସ୍ତ୍ରିଙ୍କୁ ମିଳିନି କାମର ପ୍ରାପ୍ୟ




ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ରାଜମିସ୍ତ୍ରିମାନେ।

**ଲାଠୋର, ୨୫।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପକ୍ଷରୁ କାମ କରିଥିବା ରାଜମିସ୍ତ୍ରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। ଏହିଭଳି ଅଭିଯୋଗ ଆଣିଛନ୍ତି ବୈକୁଣ୍ଠ ଶବର, କୁମର ମାଝୀ, ମହେନ୍ଦ୍ର ଭୋଇ ଓ ନବୀନ ଭୋଇ ପ୍ରମୁଖ ରାଜମିସ୍ତ୍ରୀ। ଗତ ଅପ୍ରେଲ ୨୦୨୧ରେ ମାଲପଡା, ଟଙ୍କପାଣି ଓ ମହରାପଦର ପଞ୍ଚାୟତ ଅଞ୍ଚଳର ୨୦ଜଣ ରାଜମିସ୍ତ୍ରୀଙ୍କୁ ନେଇ ଆବଶ୍ୟକ ସାମଗ୍ରୀ ପ୍ରଦାନ କରି ୫ ଦିନ ତାଲିମ ଦିଆଯାଇଥିଲା। ତାଲିମ ଶେଷ ହେଲାପରେ ଦୈନିକ ମଜୁରି ୩୨୦ଟଙ୍କା ଏବଂ ଖାଦ୍ୟପେୟ ବାବଦକୁ ୧ଶହ ଟଙ୍କା ଏହିପରି ଦୈନିକ ୪୨୦ଟଙ୍କାରେ ବ୍ଲକ ଅଞ୍ଚଳରେ ପଡି ରହିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହ କାମ ସମ୍ପୂର୍ଣ୍ଣ କରିବାକୁ ବ୍ଲକ ପକ୍ଷରୁ କୁହାଯାଇଥିଲା। ସେହି ଅନୁଯାୟୀ ରାଜମିସ୍ତ୍ରୀମାନେ କାମରେ ନିୟୋଜିତ ହୋଇ ୪୫ଦିନ ଲେଖାଏ କାମ କରିଛନ୍ତି। ଜଣ ପିଛା ୧୮ ହଜାର ୯ ଶହ ଟଙ୍କା ହିସାବରେ ୨୦ଜଣ ରାଜମିସ୍ତ୍ରୀ ସମୁଦାୟ ୩ ଲକ୍ଷ ୭୮ ହଜାର ଟଙ୍କା ପାଇବାକୁ ଅଛି। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ବି ସେମାନେ ପ୍ରାପ୍ୟ ପାଇ ପାରି ନାହାନ୍ତି। ଶେଷରେ ରାଜମିସ୍ତ୍ରୀମାନେ ବୁଧବାର ବ୍ଲକ ଅଫିସ ଯାଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ଫେରାଦ ହୋଇଛନ୍ତି। କଣ୍ଟିଜେନ୍ସି ଫଣ୍ଡରେ ଟଙ୍କା ନାହିଁ। ଫଣ୍ଡ ଆସିଲେ ପ୍ରଦାନ କରାଯିବ ବୋଲି ବିଡିଓ ରାଜମିସ୍ତ୍ରୀମାନଙ୍କୁ କହିଲା ପରେ ସେମାନେ ନିରାଶ ହୋଇ ଫେରିଥିବା ପ୍ରକାଶ କରିଛନ୍ତି। ଏ ନେଇ ତାଲିମ ଦେଇ କାମ କରାଇଥିବା ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟ ଏଜେନ୍ସିର ଜିଲା ସଂଯୋଜକ ସତ୍ୟଜିତ ନନ୍ଦଙ୍କୁ ପଚାରିବାରୁ ଫଣ୍ଡ ଆସିଲେ କିଏ କେତେ ଦିନ କାମ କରିଛନ୍ତି ବିଡିଓଙ୍କ ସହ ଆଲୋଚନା କରି ପ୍ରଦାନ କରାଯିବ ବୋଲି କହିଛନ୍ତି।

# ପଞ୍ଚାୟତ ଚତୁର୍ଥ କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ

**ଜୁନାଗଡ,୨୫।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସି ପରିସରରେ ବୁଧବାର ଓଡିଶା ପଞ୍ଚାୟତ ଚତୁର୍ଥ କର୍ମଚାରୀ ସଂଘ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ଟି ବ୍ଲକ ବିଭିନ୍ନ ପଞ୍ଚାୟତ ପିଅନ, ରାତ୍ର ଜଗୁଆଳି, ଝାଡୁଦାର ଯୋଗଦେଇଥିଲେ। ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ସରକାର ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ୨୦ ତାରିଖରେ ରାଜ୍ୟ କର୍ମକର୍ତ୍ତା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସାକ୍ଷାତ କରିଥିଲେ। ଏହିସମୟରେ ୧୨୪ ଧାରା ଉଚ୍ଛେଦ ସହିତ ସମାନ କାମକୁ ସମାନ ଦରମା ଦେବା ପାଇଁ ରାଜ୍ୟ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ମନ୍ତ୍ରୀ ୧୦ ଦିନ ମଧ୍ୟରେ ଦାବି ପୂରଣ କରିବି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଓ ୫-ଟି ସଚିବ ଯଥାଶୀଘ୍ର ଆମର ଦାବିକୁ ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଯଦି ଧାର୍ଯ୍ୟ ସମୟରେ ଦାବି ପୂରଣ ନ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସପରିବାର ସହ ରାଜରାସ୍ତାକୁ ଓହ୍ଲାଇବା ସହ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦିଆଯାଇଛି। ଜିଲା ସଭାପତି ହରେକୃଷ୍ଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ମଚିନ୍ଦ୍ର ନାଏକ, ଜିଲା ଆବାହକ ଲଳିତ ପାରୀ, ଜିଲା ଉପସଭାପତି ଖଗେଶ୍ୱର ଭଏଁସାଲ, ଜୁନାଗଡ ବ୍ଲକ ସଭାପତି ହରପ୍ରସାଦ ମାଝି, ସମ୍ପାଦକ ଦେବେନ୍ଦ୍ର ମାଝି, ଗୋଲାମୁଣ୍ଡା ବ୍ଲକ ସଭାପତି ଗୋକୁଳ ପଟେଲ, ଲାବାନ୍ୟ ବାଗ, ହେମନ୍ତ କନ୍ଦପାନ ପ୍ରମୁଖଙ୍କ ସହ ୧୩ଟି ବ୍ଲକ କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କୋଷାଧ୍ୟକ୍ଷ ନବୀନ ଥାପ୍ପା ପରିଚାଳନା କରିଥିଲେ।

# ସେପ୍ଟେମ୍ବର ୧ରେ ବଲାଙ୍ଗୀର ଆସିବେ ଉଚ୍ଚଶିକ୍ଷା ପ୍ରମୁଖ ସଚିବ

**ବଲାଙ୍ଗୀର ଅଫିସ, ୨୫।୮**

- ଜମିପଟ୍ଟା, ଭିତ୍ତିଭୂମି ନେଇ ହେବ ଆଲୋଚନା
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ

ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଆସନ୍ତା ୧ ତାରିଖରୁ କଳାହାଣ୍ଡି ଓ ବଲାଙ୍ଗୀର ଜିଲା ଗସ୍ତରେ ଆସିବେ। ୨ ତାରିଖ ସେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏଠାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା, ଜମିପଟ୍ଟା, ଭିତ୍ତିଭୂମି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜିଲାପାଳ, କୁଳପତି ଓ ରେଜିଷ୍ଟ୍ରାରଙ୍କ ସହ ଆଲୋଚନା କରିବେ । ୧୯୪୪ ମସିହାରେ ରାଜେନ୍ଦ୍ର କଲେଜ ପ୍ରତିଷ୍ଠା ହୋଇଥିଲା। ୭୬ ବର୍ଷ ପରେ ଅର୍ଥାତ୍ ୨୦୨୦ ଜୁନ୍‌ରେ ଏହି କଲେଜକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ। ତେବେ ଏହି ଶିକ୍ଷାନୁଷ୍ଠାନ ନାଁରେ ଜମିପଟ୍ଟା ନ ଥିବା, ୧୨୬ ସ୍ୱୀକୃତିପ୍ରାପ୍ତ ପ୍ରଫେସର ପଦବୀରେ ଜଣେ ବି ପ୍ରଫେସର ନିଯୁକ୍ତ ହୋଇ ନ ଥିବା, ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ୧୫୦ ଏକର ଜମି ଓ ଭିତ୍ତିଭୂମି ନଥିବା ସଂକ୍ରାନ୍ତରେ ଧରିତ୍ରୀରେ କ୍ରମାଗତ ଖବର ପ୍ରକାଶ ପାଇବା ପରେ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟକୁ ଜମି ଓ ଜମିପଟ୍ଟା ଯୋଗାଇବା ପ୍ରକ୍ରିୟା ସରକାର ଆରମ୍ଭ କରିଛନ୍ତି। ପ୍ରମୁଖ ସଚିବ ମିଶ୍ର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋଚନା କରିବା ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ।

# ଗୋଚର ଜମିରେ ସୋଲାର ପ୍ଲାଣ୍ଟ ନିର୍ମାଣକୁ ବିରୋଧ

**ସଇଁତଲା, ୨୫।୮(ଡି.ଏନ.ଏ.)**



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଗ୍ରାମବାସୀ।

**ତହସିଲ ଘେରାଉ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତର ଶହେ ଏକରରୁ ଉର୍ଦ୍ଧ୍ୱ ଗୋଚର, ଶ୍ମଶାନ ଓ ଜଙ୍ଗଲ ଜମିରେ ଆଦିତ୍ୟ ବିର୍ଲା କମ୍ପାନୀ ତରଫରୁ ପ୍ରସ୍ତାବିତ ସୋଲାର ପ୍ଲାଣ୍ଟ ସ୍ଥାପନକୁ ବିରୋଧ ହୋଇଛି। ବୁଧବାର ଶତାଧିକ ସ୍ଥାନୀୟ ଲୋକେ ଦୀର୍ଘ ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ।

ସଇଁତଲା ବ୍ଲକରେ ଦଶଟି ପଞ୍ଚାୟତର ପ୍ରାୟ ବାରଶହ ଏକର ଜମିରେ ଆଦିତ୍ୟ ବିର୍ଲା କମ୍ପାନୀ ସୋଲାର ପ୍ଲାଣ୍ଟ ସ୍ଥାପନ କରିବା ଲକ୍ଷ୍ୟ ରଖିଛି। ଇଡ଼କୋ ତରଫରୁ କମ୍ପାନୀକୁ ଜମି ଯୋଗାଇଦେବା ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଡୁଙ୍ଗୁରିପାଲି, ତେଣ୍ଡଲିପାଲି, ଟୁର୍ଚ୍ଚାଉପେର, ସରାଫପଡ଼ା, କୁଆଁରଗାଁର ଗୋଚର, ଶ୍ମଶାନ ତଥା ଜଙ୍ଗଲ ପାଇଁ ଥିବା ଉଦ୍ଦିଷ୍ଟ ଜମିକୁ ତହସିଲ କାର୍ଯ୍ୟାଳୟ ତରଫରୁ କମ୍ପାନୀ ହାତରେ ଟେକିଦେବା ପାଇଁ ଯୋଜନା ହେଉଛି। ଏ ନେଇ ଅବଗତ ହୋଇ ଗତ ଜୁନ ୮ ତାରିଖରେ ସମ୍ପୃକ୍ତ ଅଞ୍ଚଳବାସୀ ତହସିଲଦାରଙ୍କୁ ଭେଟିଥିଲେ। ଲୋକଙ୍କ କଥାକୁ ନ ଶୁଣି ତହସିଲ କାର୍ଯ୍ୟାଳୟ ତରଫରୁ ଜମିର କିସମ ପରିବର୍ତ୍ତନ କରି କମ୍ପାନୀକୁ ଜମି ହସ୍ତାନ୍ତର ହେଉଥିବା ଜାଣି ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ସମାଜସେବୀ ଶାନ୍ତନୁ ନାଏକ, ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ, ଯୁବନେତା ଗଜପତି ସାହୁଙ୍କ ନେତୃତ୍ୱରେ ଶତାଧିକ ଲୋକେ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଯୁଗେଶ୍ୱର ଧରୁଆଙ୍କୁ ପ୍ରଦାନ କରିଥିଲେ। ଘେରାଉ ସମୟରେ ଅମର ରଣା, ଈଶ୍ୱର ସାହୁ, ବୃନ୍ଦା ସାହୁ, ଶୁକ୍ରୁ ସାହୁ, ବିନୟ ଭୋଇ, ସୁରେଶ ନନ୍ଦ, ଶାରଦା ନନ୍ଦ, ଦେବରାଜ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରେଡ୍‌କ୍ରସ ଯୁବ ବାହିନୀକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୫।୮: ବରଗଡ଼ ପଞ୍ଚାୟତ କଲେଜରେ ଜିଲାସ୍ତରୀୟ ୟୁଥ୍ ରେଡ୍‌କ୍ରସ୍‌ର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡଃ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡଃ ରାଜକିଶୋର ପୃଷ୍ଟି ପରିଚୟ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଡା. ସାଧୁଚରଣ ଦାଶ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୬୮ କଲେଜର କାଉନସେଲର, ୧୦ ଅଧ୍ୟକ୍ଷ ଯୋଗ ଦେଇଥିଲେ। ରକ୍ତଦାନ ଶିବିର, କ୍ଲଷ୍ଟରସ୍ତରୀୟ ଶିବିର ଆୟୋଜନ, ରେଡ୍‌କ୍ରସ ଯୁବ ବାହିନୀ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା ରେଡ୍‌କ୍ରସ ସଂଯୋଜକ ତଥା ଅତାବିରା କଲେଜର ଅଧ୍ୟାପକ ପରମାନନ୍ଦ ରଥ ବୈଠକକୁ ସଂଯୋଜନା କରିଥିଲେ। ଅଲେଖ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ବିକ୍ଷୋଭ




ବୌଦ୍ଧ,୨୫।୮(ସ୍ୱ.ପ୍ର.): ବୌଦ୍ଧ ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ଜିଲା କିଷାନ କଂଗ୍ରେସ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କିଷାନ କଂଗ୍ରେସ କମିଟି ସଭାପତି ରଘୁନାଥ ପଲିଆଙ୍କ ନେତୃତ୍ୱରେ ସହରର ରଘୁନାଥ ମନ୍ଦିର ଠାରୁ ଏକ ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାରେ ଜଳସେଚନର ସୁବିଧା ଥିବା ବେଳେ ଚାଷ ଜମିକୁ ପାଣି ଯୋଗାଇ ହେଉନାହିଁ। ଅନେକ ଜାଗାରେ ଉଠାଜଳସେଚନ ପଏଣ୍ଟଗୁଡିକ ଅଚଳ ହୋଇପଡିଛି। ଫଳରେ ଚଳିତବର୍ଷ ବର୍ଷାଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲା କିଷାନ କଂଗ୍ରେସ କମିଟି ପକ୍ଷରୁ ଜିଲାକୁ ସଂପୂର୍ଣ୍ଣ ମରୁଡି ଘୋଷଣା, ଚାଷୀଙ୍କୁ ମାଗଣା ସୋଲାର ପମ୍ପ , ଉଠା ଜଳସେଚନ କାର୍ଯ୍ୟକ୍ଷମ, ନଦୀନାଳରୁ ପାଇପ ଯୋଗେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଖରିଫ ଋତୁର କୃଷିଋଣ ଛାଡ, ଫସଲ ବୀମା କ୍ଷତିପୂରଣ, ରବି ଚାଷ ପାଇଁ ଆଗୁଆ ମୁଗ, ବିରି, କୋଳଥ, ଯଅ, ମାଣ୍ଡିଆ, ମକା ବିହନ ଚାହିଦା ଅନୁଯାୟୀ ଚାଷୀଙ୍କୁ ଯୋଗାଇ ଦେବାକୁ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ରାଜ୍ୟ କିଷାନ କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ, ରାଜ୍ୟ ସାଧାରଣ ସଂପାଦକ ସ୍ୱପ୍ନେଶ୍ୱର ପୃଷ୍ଟି, ଅଚ୍ୟୁତ କର୍ଣ୍ଣ , ଜିଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ।

### ୮୨ ମାର୍କ ଅଧିକ ପାଇ ଉତ୍ତୀର୍ଣ୍ଣ ହେଲେ ଛାତ୍ର

**ଅଫ୍ ଲାଇନ୍ ମାଟ୍ରିକ ପରୀକ୍ଷା**

ବାଉଁଶୁଣି,୨୫।୮(ଡି.ଏନ.ଏ.): ସରକାର ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରିଥିଲେ। ଉକ୍ତ ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ହୋଇ ବାଉଁଶୁଣି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ରୁଦ୍ର ନାରାୟଣ ମିର୍ଦ୍ଧା ଅଫ୍‌ଲାଇନରେ ପରୀକ୍ଷା ଦେଇଥିଲେ। ଅନ୍‌ଲାଇନ ମାର୍କ ଅପେକ୍ଷା ଅଫ ଲାଇନ୍ ପରୀକ୍ଷାରେ ରୁଦ୍ର ନାରାୟଣ ପ୍ରାୟ ୮୨ ନମ୍ବର ଅଧିକ(୧୪% ପ୍ରତିଶତ)ରଖିଥିବା ଜଣାପଡିଛି। ପୂର୍ବରୁ ତାଙ୍କୁ ୪୫୧ ମାର୍କ ଦିଆଯାଇ ବି୧ ଗ୍ରେଡରେ ପାସ କରା ଯାଇଥିବା ବେଳେ ପରୀକ୍ଷା ଦେଇ ସେ ୫୩୩ ମାର୍କ ପାଇ ଏ୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଇଂରାଜୀ ଓ ବିଜ୍ଞାନ ବିଷୟରେ ସେ ଆହୁରି ଅଧିକ ମାର୍କ ପାଇବା ଆଶା ରଖିଥିଲେ। ତେଣୁ ପୁନଃ ଯାଞ୍ଚ ପାଇଁ ଆବେଦନ କରିବେ ବୋଲି ରୁଦ୍ର ନାରାୟଣ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ସ୍କୁଲ ଏସ୍ଆଇଙ୍କ ପରଲୋକ

ଅମରପାଲି,୨୫।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ ପଞ୍ଚାନନ ଷଡଙ୍ଗୀଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ନିଆଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଷଡ଼ଙ୍ଗୀ ୧୯୫୨ମସିହାରେ ବୀରମହାରାଜପୁର ଉପକଣ୍ଠ କର୍ଣ୍ଣପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷା ସମାପ୍ତ ପରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଉଲୁଣ୍ଡା ବ୍ଲକ ବମରାଜ, ବାଙ୍ଗୋମୁଣ୍ଡା, ମୁରିବାହାଲ, ଧର୍ମଶାଳା, ସୁବଳୟା, ଉଫୁଲା, ଭଣ୍ଡାର, ଏମ. ଆର ହାଇସ୍କୁଲ ଏବଂ ହିଲୁଙ୍ଗ ପ୍ରଭୃତି ସ୍କୁଲରେ କାର୍ଯ୍ୟ କରିଥିଲେ। ପରେ ସେ ବୀରମହାରାଜପୁର ବ୍ଲକ ଓ ଉଲୁଣ୍ଡା ବ୍ଲକର ସ୍କୁଲ ଏସଆଇଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ ଝିଅ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିତା ଷଡ଼ଙ୍ଗୀ, ପୁଅ ଚନ୍ଦନ, ଝିଅ ପିଙ୍କି, ଜୁବୁଲି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଏକମାତ୍ର ପୁତ୍ର ଶୁଭେନ୍ଦୁ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୌଦ୍ଧ ଜିଲାରେ ଅବାଧ ଗଞ୍ଜେଇ କାରବାର

**ଏକ ମାସ ମଧ୍ୟରେ ୨୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୧୯ ଗିରଫ**

ବୌଦ୍ଧ,୨୫।୮(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ଓ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ଜିଲାରୁ ଉତ୍ପାଦିତ ଗଞ୍ଜେଇର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଖୁଲାମଖୁଲା ଭାବେ ଗଞ୍ଜେଇ ଚାଷ ହେଉଥିବା ବେଳେ ପ୍ରତିବର୍ଷ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚାଷ ନଷ୍ଟ କରାଯାଉଛି। ହେଲେ ଏହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହୋଇଛି। ଜିଲାରେ କେବଳ ଗତ ଜୁଲାଇ ମାସରେ ୨୧ କୁଇଣ୍ଟାଲ ୧୯ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ୧୯ ଜଣଙ୍କୁ ଗିରଫ କରାଯାଇଛି। ୭ ଜଣ ଫେରାର ହେବାରେ ସଫଳ ହୋଇଛନ୍ତି। ଚୋରା ଚାଲାଣ ସମୟରେ ପୋଲିସ ୯ଟି ଚାରିଚକିଆ, ୩ଟି ଦୁଇଚକିଆ ଯାନ ଜବତ କରିଛି। ଏପଟେ ମିଳିଥିବା ସୂଚନା ମୁତାବକ ଜିଲାର ୪ ଗୋଟି ଥାନାରେ ଜବତ ଗଞ୍ଜେଇ ରଖିବାକୁ ଗୋଦାମ ଘର(ମାଲଖାନା) କମ ପଡିଲାଣି। ସେହିପରି ଏହି କାରବାରରେ ବ୍ୟବହୃତ ହୋଇ ଜବତ ହୋଇଥିବା ଗାଡିଗୁଡିକ ଥାନା ପରିସରରେ ଭର୍ତ୍ତି ହୋଇଗଲାଣି। ଗଞ୍ଜେଇ କାରବାରକୁ ନେଇ ମାମଲାଗୁଡିକ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଗଡି ଚାଲିଥିବାରୁ ଜବତ ସାମଗ୍ରୀ ରଖିବା ଜିଲା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। କେବଳ ଏତିକି ନୁହେଁ ବୌଦ୍ଧ ଉପ କାରାଗାର ମଧ୍ୟରେ ରହିଥିବା ବନ୍ଦୀମାନଙ୍କ ମଧ୍ୟରେ ୮୦% ବନ୍ଦୀ ଗଞ୍ଜେଇ କାରବାରରେ ସଂପୃକ୍ତ ବୋଲି ଜଣାପଡିଛି।

ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୧୨ ତାରିଖରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଜିଲାର ୬ ଗୋଟି ଥାନା ମଧ୍ୟରୁ ୪ ଗୋଟି ଥାନାରେ ୧୩ଟି ଗଞ୍ଜେଇ ଚାଲାଣ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ବାଉଁଶୁଣୀ ଥାନାରେ ସର୍ବାଧିକ ୫ଟି ମାମଲା ରୁଜୁ କରାଯାଇଥିବା ବେଳେ ମନମୁଣ୍ଡା ଥାନାରେ ୪ଟି ମାମଲା ରୁଜୁ କରାଯାଇଛି। ବୌଦ୍ଧ ଆଦର୍ଶ ଥାନାରେ ୨ଟି ଓ କଣ୍ଟାମାଳ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ବାଉଁଶୁଣୀ ଥାନା ପକ୍ଷରୁ ଚଢାଇ କରାଯାଇ ୪ କୁଇଣ୍ଟାଲ ୮କିଲୋ ୨ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇଛି ଓ ୩ ଜଣ ଫେରାର ହୋଇଯାଇଛନ୍ତି। ଚାଲାଣ ସମୟରେ ୧ ବୋଲେରୋ, ୨ଟି କାର ଓ ୩ଟି ବାଇକ୍ ଜବତ କରାଯାଇଛି। ମନମୁଣ୍ଡା ଥାନା ପକ୍ଷରୁ ୯ କୁଇଣ୍ଟାଲ ୬୪ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୭ ଜଣଙ୍କୁ ଗିରଫ କରାଯାଇଛି ଓ ୨ ଜଣ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଚାଲାଣ ସମୟରେ ପୋଲିସ ଗୋଟିଏ ମାକ୍ସ ପିକ୍‌ଅପ, ଗୋଟିଏ କାର ଜବତ କରିଥିଲା। ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ୫ କୁଇଣ୍ଟାଲ ୬୫ କିଲୋ ୩ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ମିନି ଟ୍ରକ, ଗୋଟିଏ କାର ଜବତ କରାଯାଇଛି। କଣ୍ଟାମାଳ ଥାନା ପକ୍ଷରୁ ୧ କୁଇଣ୍ଟାଲ ୮୧ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ ଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। ଚାଲାଣ ସମୟରେ ପୋଲିସ ଦୁଇଟି ଚାରିଚକିଆ ଯାନ ଜବତ କରିଥିଲା। ଜିଲାରେ ଏହି ବେଆଇନ କାରବାର ଉପରେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ବଜ୍ରକାପ୍ତା ଚାଲାଣ, ୪ଗିରଫ



ଗିରଫ ୪ଅଭିଯୁକ୍ତ।



ଜବତ ବଜ୍ରକାପ୍ତା।

ବରଗଡ଼ ଅଫିସ୍/ଭଟଲି,୨୫।୮

ବରଗଡ଼ ଜିଲା ଭଟଲି ରେଞ୍ଜ ବନ ବିଭାଗ ବୁଧବାର ଜୀବନ୍ତ ବଜ୍ରକାପ୍ତା ଚାଲାଣ ର୍ୟାକେଟ୍ ଠାବ କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଖୁଲିଆ ଗ୍ରାମର ମହାଦେବ ବରିହା(୨୮), ଗୋପାଳ ବରିହା(୨୫), ନାରାୟଣ ବରିହା(୨୮) ଏବଂ କୁମ୍ଭୋ ଗ୍ରାମର ପ୍ରତିପାଳ ବରିହା(୩୫)। ସେମାନଙ୍କ ପାଖରୁ ଏକ ଜୀବନ୍ତ ବଜ୍ରକାପ୍ତା ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଏକ ମାମଲା(ନଂ.୧୭/୨୦୨୧-୨୨) ରୁଜୁ ହୋଇଛି। ଡିଏଫଓ ସନ୍ଦୀପ ପ୍ରାଟିଙ୍କ ନିର୍ଦ୍ଦେଶକ୍ରମେ ଭଟଲି ରେଞ୍ଜ ଅଫିସର ରାଜେନ୍ଦ୍ର କୁମାର ଭୋଇଙ୍କ ନେତୃତ୍ୱରେ ଉଦ୍ଧବ ପ୍ରଧାନ, ବନପାଳ ଦ୍ୱାରୀ, ପ୍ରୟାଗ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ରାସ୍ତା ଜବରଦଖଲ, ଜିଲାପାଳଙ୍କୁ ଫେରାଦ




ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ।

ବରଗଡ଼ ଅଫିସ୍,୨୫।୮

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୭ ଅମ୍ବାପାଲି(ଅନ୍ନପୂର୍ଣ୍ଣା କଲୋନୀ)ରେ ରାସ୍ତା ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ରାସ୍ତା ଜବରଦଖଲ ଯୋଗୁ ଏଠାରେ ଡ୍ରେନ କାମ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ବୁଧବାର ଅନ୍ନପୂର୍ଣ୍ଣା କଲୋନୀର ମହିଳାମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉପରୋକ୍ତ କଲୋନୀରେ ଡ୍ରେନ ନିର୍ମାଣ ପାଇଁ ପୌର ପରିଷଦ ମଞ୍ଜୁର କରିଛି। ଡ୍ରେନ ନିର୍ମାଣ କାମ ମଧ୍ୟ ଚାଲିଛି। ମାତ୍ର ଜଣେ କଲୋନୀର ରାସ୍ତା ଜବରଦଖଲ କରିଥିବା ଯୋଗୁ ଡ୍ରେନ ନିର୍ମାଣ କାମ ଆଗେଇ ପାରୁ ନଥିବାବେଳେ କଲୋନୀଙ୍କୁ ଯିବା ଆସିବା କରିବାବେଳେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କବିତା ମେହେର, ପୁଷ୍ପାଞ୍ଜଳି ମେହେର, ସୁକାନ୍ତୀ ମେହେର, ସବିତା ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ଭାଜପା କାର୍ଯ୍ୟକାରିଣୀ ବୈଠକ

ବୌଦ୍ଧ,୨୫।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପା ନଗର ମଣ୍ଡଳ ୧୦ର କାର୍ଯ୍ୟକାରିଣୀ ବୈଠକ ସଭାପତି ବ୍ୟୋମକେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି ଅତିଥି ଭାବରେ ଯୋଗଦେଇ ଦଳର ନୀତି ଆଦର୍ଶ ଓ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବୈଠକରେ ସାତୋଟି ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇ ଆଲୋଚନା ପରେ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ବିଶେଷ କରି ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୭ ଗୋଟି ୱାର୍ଡରେ ପରିମଳ ବ୍ୟବସ୍ଥାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାଛଡା ପାନୀୟଜଳ ସମସ୍ୟା, ରାସ୍ତାଘାଟ ନିର୍ମାଣରେ ଦୁର୍ନୀତି, ଟ୍ରାଫିକ ସମସ୍ୟା,ସହରର ଛକଗୁଡିକ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିବା ନେଇ ଆଲୋଚନା କରାଯାଇଥିଲା। ୩ ବର୍ଷ ହେଲା ନିର୍ବାଚିତ ପ୍ରତିନିଧି ନ ଥିବା ଯୋଗୁ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସଦସ୍ୟମାନେ ଆଗାମୀ ଦିନରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ମଣ୍ଡଳ ପ୍ରଭାରୀ ମନୋରଞ୍ଜନ ଦାଶ, ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ତାପସ କୁମାର ପଟ୍ଟନାୟକ, ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ଶ୍ୟାମସୁନ୍ଦର ପୁରୋହିତ, ପ୍ରେମାନନ୍ଦ ମିଶ୍ର, ରବି କୁମାର ଦେହୁରୀ ଓ ମଣ୍ଡଳ ସାଧାରଣ ସମ୍ପାଦକ ବିରେନ୍ଦ୍ର ସାହୁ,ଦିଲିପ ଶତପଥୀ, ଶିବାନନ୍ଦ ନାୟକ ଓ ଦେବଦତ୍ତ ଦଲାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହିଳା ମୋର୍ଚ୍ଚାର ସଭାନେତ୍ରୀ ମିନା ରାଣୀ ମିଶ୍ର, ନମିତା ରାଣୀ ଦାଶ, ସ୍ୱର୍ଣ୍ଣମୟୀ ପ୍ରଧାନ ଯୋଗଦେଇ ମହିଳାମାନଙ୍କୁ ଏକତ୍ରିତ କରି ପ୍ରତ୍ୟେକ ୱାର୍ଡରେ ସାଂଗଠନିକ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ।

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ

ବାଉଁଶୁଣୀ,୨୫।୮(ଡି.ଏନ.ଏ.)

ସୋମବାର ରାତି ପ୍ରାୟ ୨ଟା ସମୟରେ କଣ୍ଟାମାଳ ପୋଲିସ ପାଟ୍ରୋଲିଂ ଟିମ୍ ଲମ୍ବସରି ପଞ୍ଚାୟତର ଡିଲାବାଲି ନିକଟରୁ ୨ କୁଇଣ୍ଟାଲ ୨ କେଜି ଗଞ୍ଜେଇ ଜବତ କରିଛି। ଚୋରା ଚାଲାଣରେ ବ୍ୟବହୃତ ୪ ବାଇକ୍ ଜବତ ହୋଇଛି। ତେବେ ପୋଲିସକୁ ଚକ୍‌ମା ଦେଖାଇ ଚୋରା ଚାଲାଣକାରୀମାନେ ଫେରାର ହୋଇ ଯାଇଛନ୍ତି। ଅଭିଯୁକ୍ତମାନେ ବିଳମ୍ବିତ ରାତ୍ରିରେ ମୋଟର ସାଇକେଲରେ ଗଞ୍ଜେଇ ନେଇ ଯାଉଥିଲେ। ଏ ନେଇ କଣ୍ଟାମାଳ ଥାନାରେ ନଂ୧୧୦/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ମଙ୍ଗଳବାର ସକାଳେ ମନମୁଣ୍ଡା ପୋଲିସ ବିଳାଶପୁର ପଞ୍ଚାୟତର ମେହେରୁଣୀ ସେତୁ ପାଖରେ ଜଣେ ବ୍ୟକ୍ତିଙ୍କ ନିକଟରୁ ବସ୍ତାରେ ଥିବା ୨୩ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସାନରାହାଯୋର ରାମସାହିର ମହାରଗୁ ସାହୁଙ୍କୁ ପୋଲିସ ଗିରଫ କରିଛି।

## ଆବାସ ଯୋଜନାକୁ ନେଇ ତେଜିଲା ରାଜନୀତି




ଖବରଦାତା ସମ୍ମିଳନୀରେ ବିଜେଡ଼ି ନେତୃବୃନ୍ଦ।

ବରଗଡ଼ ଅଫିସ୍,୨୫।୮

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭାଜପା ନେତୃତ୍ୱାଧିନ କେନ୍ଦ୍ରର ଏନଡ଼ିଏ ସରକାର ଏବଂ ରାଜ୍ୟର ବିଜେଡ଼ି ସରକାର ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ଉଭୟ ନେଇ ବିଜେଡ଼ି, ଭାଜପା ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଶ୍ଚିମ ଓଡ଼ିଶାକୁ ଅବହେଳା କରାଯାଉଥିବା ନେଇ ଗତ କିଛିଦିନ ତଳେ ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା। ଦଳ ପକ୍ଷରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ କାର୍ଯ୍ୟାଳୟକୁ ଘେରାଉ କରି ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପୋର୍ଟାଲକୁ ଦୀର୍ଘଦିନ ହେଲା କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ବିଜେଡ଼ି ଅଭିଯୋଗ କରିଛି। ବୁଧବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ କେନ୍ଦ୍ର ବିରୋଧରେ ଅନୁରୂପ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଫଳରେ କେନ୍ଦ୍ର ସରକାରଙ୍କ ଦାୟିତ୍ୱହୀନତା ଯୋଗୁ ହିତାଧିକାରୀମାନେ ସରକାରଙ୍କ ଗୃହ ନିର୍ମାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଉପରୋକ୍ତ ବିଜେଡ଼ି ନେତୃବୃନ୍ଦ କହିଛନ୍ତି। ତେବେ କେନ୍ଦ୍ର ସରକାର ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିଜେଡ଼ି ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଗଙ୍ଗାଧର ଥିଲେ ବିଶ୍ୱ ଚେତନାର କବି

ସୋନପୁର,୨୫।୮(ନି.ପ୍ର.)




ଗଙ୍ଗାଧରଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର କଲେଜ ଓଡିଆ ବିଭାଗ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂରାଜୀ ବିଭାଗର ପ୍ରାଧ୍ୟାପିକା କଳ୍ପନା ମିଶ୍ର ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ମିଶ୍ର ଗଙ୍ଗାଧର ମେହେରଙ୍କୁ ବିଶ୍ୱ ଚେତନାର କବି ଭାବେ ଅଭିହିତ କରିଥିଲେ। ଇଂରାଜୀ କବି ୱାର୍ଡସ ୱର୍ଥଙ୍କ ଭଳି ଗଙ୍ଗାଧରଙ୍କ ପ୍ରକୃତି ସମ୍ପର୍କିତ ଲେଖା ତୁଳନୀୟ ବୋଲି ମୁଖ୍ୟଅତିଥି କହିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଶେଷବର୍ଷ ଓଡିଆ ସମ୍ମାନ ଛାତ୍ର କୃପାସିନ୍ଧୁ ବେହେରା ଓ ଆଲୋକ ମାଝୀ ଗଙ୍ଗାଧର ମେହେରଙ୍କ କାବ୍ୟ କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଖୁସବୁ ପ୍ରଧାନ, ଗୀତାରାଣୀ ମୁଣ୍ଡା ଓ ଚୁମ୍‌କି ଭୋଇ ପ୍ରାରମ୍ଭିକ ସଙ୍ଗୀତରେ କବିଙ୍କ ରଚନା ବିଶ୍ୱ ଦେଖ ମଧୁମୟ ଗାନ କରିଥିଲେ। ଅଧ୍ୟାପକ ମୀନକେତନ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ସତ୍ୟ ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅନ୍ୟ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପ୍ରକଳ୍ପ ବୁଲି ଦେଖିଲେ ବିଧାୟକ

ବରଗଡ଼ ଅଫିସ୍,୨୫।୮

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମକୁ ବୁଧବାର ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ପରିଦର୍ଶନରେ ଯାଇଥିଲେ। ବିଧାୟକ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ନିର୍ମିତ ଏବଂ ନିର୍ମାଣାଧିନ ପ୍ରକଳ୍ପ ଗୁଡ଼ିକ ସେ ବୁଲି ଦେଖିଥିଲେ। ଏହିକ୍ରମରେ ବିଧାୟକ ଆଚାର୍ଯ୍ୟ ବରପାଲି ବ୍ଲକ ଅନ୍ତର୍ଗତ ସରଣ୍ଡାପାଲି, କଟାପାଲି, ବାଞ୍ଜିପାଲି, କୁଶନପୁରୀ ଆଦି ଗ୍ରାମକୁ ଗସ୍ତ କରି ପ୍ରକଳ୍ପ ପରିଦର୍ଶନ କରିଥିଲେ। ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ପାଣ୍ଠିର ଅଭାବ ନାହିଁ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଏହା ସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପର୍ଯ୍ୟାୟକ୍ରମେ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ କରାଯିବ ଏବଂ ଅଞ୍ଚଳର ସବୁ ସମସ୍ୟାର ସମାଧାନ ପାଇଁ ସେ ଉଦ୍ୟମ ଜାରି ରଖିବେ ବୋଲି ଆଚାର୍ଯ୍ୟ କହିଥିଲେ।

## ବଳାତ୍କାର, ଘରପୋଡ଼ି ମାମଲା: ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍, ୨୫।୮

ବରଗଡ଼ ଜିଲା ଗାଇସିଲେଟ ବ୍ଲକର ଜଣେ ମହିଳାଙ୍କୁ ଗଣବଳାତ୍କାର ସହିତ ତାଙ୍କ ଘର ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ୧୩ ଦିନ ବିତିବା ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ କରି ବରଗଡ଼ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚର ୧୦ ଜଣିଆ ପ୍ରତିନିଧି ଦଳ ଏସପି ରାହୁଲ ଜୈନ ଏବଂ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ମଞ୍ଚର ଆବାହକ ପବିତ୍ର ଦେହେରୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ଥିଲେ। ତେବେ ଏସପି, ଜିଲାପାଳଙ୍କୁ ଫେରାଦ ହେବା ପରେ ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ନିଆଯିବା ସହିତ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ସମ୍ବିଧାନ ସୁରକ୍ଷା ମଞ୍ଚ ସୂଚନା ଦେଇଛି।

## ମାସ୍କ ପିନ୍ଧିବା, ସାମାଜିକ ଦୂରତାକୁ ଫୁ

**କରୋନା କଟକଣା ଉଲ୍ଲଂଘନ**

ବିନିକା,୨୫।୮(ଡି.ଏନ୍.ଏ.)



ବିନିକା ଅଞ୍ଚଳର ଏକ ସାପ୍ତାହିକ ହାଟରେ ବିନା ମାସ୍କରେ ଲୋକେ ଜିନିଷପତ୍ର କିଣାବିକା କରୁଛନ୍ତି।

ସୁବର୍ଣ୍ଣପୁର ଜିଲାର ବିନିକା ଅଞ୍ଚଳରେ ଅଧିକାଂଶ ବ୍ୟକ୍ତି କରୋନା କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରୁଥିଲେ ହେଁ ପ୍ରଶାସନର ନିଘା ନାହିଁ। ଫଳରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏବେ ପରିସ୍ଥିତି ଏପରି ଯେ, କରୋନା ଦ୍ୱିତୀୟ ଲହରର ଭୟାବହତା ସତେଯେମିତି ଲୋକଙ୍କ ମନରୁ ଉଭେଇ ଯାଇଛି। ପୂର୍ବଭଳି କୋଭିଡ୍-୧୯ ନିୟମକୁ ଅନୁପାଳନ କରୁନାହାନ୍ତି ସ୍ଥାନୀୟ ଲୋକେ। ନା ମୁହଁରେ ରହୁଛି ମାସ୍କ ନା ସାମାଜିକ ଦୂରତା। ହାଟ ବଜାରରେ ମଧ୍ୟ ବହୁ ଲୋକ ଏକାଠି ହୋଇ ଜିନିଷପତ୍ର କିଣିବାକୁ ପଛାଉ ନାହାନ୍ତି। ଅପରପକ୍ଷରେ କରୋନାର ତୃତୀୟ ଲହରକୁ ରୋକିବା ଲାଗି ପ୍ରଶାସନିକ ସ୍ତରରେ ଚାଲିଛି ସମୀକ୍ଷା। ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ମୁହଁରେ ମାସ୍କ ବାନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା, ସାର୍ବଜନୀନସ୍ଥଳୀଗୁଡିକରେ ଅଧିକ ଭିଡ ନ କରିବା, କରୋନା ଟିକା ଟିକାକେନ୍ଦ୍ରରୁ ନେବା ତଥା ସାଂସ୍କୃତିକ, ଧାର୍ମିକ,ପାରମ୍ପାରିକ ଏବଂ ବ୍ୟବସାୟିକ କ୍ଷେତ୍ରରେ ଅଧିକ ଜନ ସମାଗମକୁ ବାରଣ କରାଯାଇଛି। ମାତ୍ର ଉପରୋକ୍ତ ନିୟମାବଳୀକୁ ବିନିକା ସହରରୁ ପୁରପଲ୍ଲୀ ଯାଏ କୌଣସି ସ୍ଥାନରେ ପାଳନ କରା ଯାଉଥିବାର ଦେଖିବାକୁ ମିଳୁନାହିଁ। କାହାରି ମନରେ କରୋନା ଦ୍ୱିତୀୟ ଲହର ଏବଂ କରୋନା ସଂକ୍ରମଣକୁ ନେଇ ଆଉ ପୂର୍ବପରି ଭୟ ନାହିଁ। ହାଟ ବଜାରର ଭିଡ ଦେଖିଲେ ଏହା ଜଣାପଡେ। ଏମିତି କି ଅଞ୍ଚଳର ବିଭିନ୍ନ କରୋନା ଟିକାକେନ୍ଦ୍ରରେ ମଧ୍ୟ ସାମାଜିକ ଦୂରତା ନିୟମ ଖୁଲାମଖୁଲା ଉଲ୍ଲଂଘନ ହେଉଛି। କରୋନା ଦ୍ୱିତୀୟ ଲହରରେ ବିନିକା ଅଞ୍ଚଳରେ ସଂକ୍ରମିତ ସଂଖ୍ୟା ହ୍ରାସ ପାଇଛି ସତ, ମାତ୍ର ଏଯାଏ କରୋନାର ମୂଳୋତ୍ପାଟନ ହୋଇନାହିଁ। ଏଣୁ ସମ୍ଭାବ୍ୟ ତୃତୀୟ ଲହରକୁ ଆଖି ଆଗରେ ରଖି ଲୋକଙ୍କ ଧନ ଜୀବନକୁ ଗୁରୁତ୍ୱ ଦେଇ ପ୍ରଶାସନ କୋଭିଡ୍ ନିୟମ କଟକଣା କଡାକଡି ନ କଲେ ପରିସ୍ଥିତି ଅଣାୟତ ହେବା ଆଶଙ୍କା ରହିଛି।